## ସଂକ୍ଷେପରେ

### ପୁଣି ବାହାରିଲେ ୫ ପଜିଟିଭ୍

**ଢେଙ୍କାନାଳ ଅଫିସ, ୧୪।୧୧:** ଢେଙ୍କାନାଳ ଜିଲାରୁ ରବିବାର ୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ହିନ୍ଦୋଳ ଏନ୍ଏସିର ୩, ଭୁବନ ବ୍ଲକର ୧ ଏବଂ ଗଁଦିଆ ବ୍ଲକର ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୯୧୫ରେ ପହଞ୍ଚିଛି। ଚିକିତ୍ସା ପରେ ୧୯ ହଜାର ୬୩୫ ସୁସ୍ଥ ହୋଇସାରିଲେଣି। ଜିଲାରେ ୩୫ ସକ୍ରିୟ ସଂକ୍ରମିତ ଚିକିତ୍ସାଧୀନ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୧୪।୧୧:** ଢେଙ୍କାନାଳ ସୁନ୍ଦରିଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୫ ସଙ୍କୁଳକୁ ନେଇ ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଶିଶୁ ମନ୍ଦିର ସମ୍ପାଦକ ବିଶ୍ୱନାଥ ବେହେରା ଏହାର ଶୁଭାରମ୍ଭ କରିଥିଲେ। ଶିକ୍ଷାବିକାଶ ସମିତିର ଦେବେନ୍ଦ୍ର ପଟ୍ଟନାୟକ, ସନ୍ତୋଷ କୁମାର ପୃଷ୍ଟି, ମନମୋହନ ତ୍ରିପାଠୀ, ଢେଙ୍କାନାଳ ଜିଲା ନିରୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ଅନୁଗୋଳ ଜିଲା ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ମିଲୁ ଚରଣ ଦେହୁରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିବିରରେ ୩୨ ଗୁରୁମା, ୨୩ ଗୁରୁଜୀ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମ ୧୫ ତାରିଖ ଯାଏ ଚାଲିବ।

### ୧୭ରେ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୧୪।୧୧:** ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସ୍ୱାଭାବିକ କରାଇବା, ସାଧାରଣ ଟ୍ରେନ୍‌ରେ ସ୍ପେଶାଲ ଯାତ୍ରୀଭଡ଼ା ଆଦାୟ ବନ୍ଦ କରିବା, ଅନୁଗୋଳ-ପୁରୀ ମେମୁ ଟ୍ରେନ୍‌କୁ ଅନୁଗୋଳଠାରୁ ଚଳାଚଳ କରାଇବା ଆଦି ଦାବିରେ ଆସନ୍ତା ୧୭ ତାରିଖରେ ଅନୁଗୋଳ ଷ୍ଟେଶନ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଅନୁଗୋଳ ଜିଲା କମିଟି ସମ୍ପାଦକ ଭିକାରୀ ପ୍ରଧାନ, ଜିଲା କମିଟି ସଭ୍ୟ ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ନିରାକାର ପଣ୍ଡା, ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ ପ୍ରମୁଖ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୧୪।୧୧(ଡି.ଏନ.ଏ.):** ଠାକୁରଗଡ ପୋଲିସ ଶୁକ୍ରବାର ରାତିରେ ବରହମ ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ କରୁଣାକର ପ୍ରଧାନ (୪୬)ଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୧୦ରେ ଥାନାରେ ମାମଲା ଥିଲା। ଘରେ ଥିବା ଖବରପାଇ ଠାକୁରଗଡ଼ ଆଇଆଇସି ପୀତାମ୍ବର ମଲ୍ଲିକ ଚଢାଉ କରିଥିଲେ।

### ଭଲ ମଣିଷ ହେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୪।୧୧:** ଢେଙ୍କାନାଳ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ରବିବାର ଶିଶୁ ମହୋତ୍ସବ ସୁରଭି-୨୦୨୧ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପକ ଅରକ୍ଷିତ ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକସ୍ତରରୁ ଚୟନ ହୋଇ ଆସିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

### କାର ଓଲଟି ଜଣେ ଗୁରୁତର

**ଛେଣ୍ଡିପଦା,୧୪।୧୧(ସ୍ୱ.ପ୍ର.):** ଅନୁଗୋଳ-ଛେଣ୍ଡିପଦା ରାସ୍ତାର ଶିଆରିମାଳିଆ ପୋଲ ନିକଟରେ ଶନିବାର ଏକ କାର ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଗାଡ଼ିରେ ଥିବା ମାମୁରିଆ ରୁଗୁଡିସାହିର ଯତିନ୍ଦ୍ର ବେହେରା, ଦୀପକ ଭୂତିଆ, ଅନୁ ସାହୁଙ୍କ ମଧ୍ୟରୁ ଯତିନ୍ଦ୍ର ଗୁରୁତର ହୋଇଛନ୍ତି। ସେମାନେ କୁକୁରପେଟା ପେଟ୍ରୋଲ ପମ୍ପରୁ ଛେଣ୍ଡିପଦା ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଯତିନ୍ଦ୍ରଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୧୪।୧୧:** ଅନୁଗୋଳ ସଦର ଥାନା କୁମଣ୍ଡ ଚଣ୍ଡୀବଜାରରେ ଦିପାବଳୀ ଦିନ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ୨ ଜଣ ଆହତ ହୋଇଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଛୁରାମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ସ୍ୱାଧୀନ ବାରିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅଡୁଆ କରିଛି ଏଏସ୍‌ଆଇ ନିୟମ

**ଐତିହାସିକ କୀର୍ତ୍ତିରାଜିର ସଂରକ୍ଷଣ ଦାୟିତ୍ୱ ନେଇଛି ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍‌ଆଇ)। ସର୍ବଭାରତୀୟସ୍ତରରେ କାର୍ଯ୍ୟ କରୁଥିବା ଏହି ଜାତୀୟସଂସ୍ଥା ପରିଚାଳନାରେ ରହିଛି ଢେଙ୍କାନାଳ ଜିଲାର ଅନେକ ଐତିହ୍ୟ ସମ୍ପନ୍ନ ପୀଠ। ହେଲେ ଏଏସ୍‌ଆଇର କଠୋର ନିୟମ ଆଞ୍ଚଳିକ ପର୍ଯ୍ୟଟନ ବିକାଶରେ କଣ୍ଟା ସାଜିଛି। ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥିବାରୁ ଜିଲା ପ୍ରଶାସନ ଉକ୍ତ ସ୍ଥାନଗୁଡ଼ିକରେ ମନ ମୁତାବକ ଉନ୍ନୟନମୂଳକ କାର୍ଯ୍ୟ କରିପାରୁ ନାହିଁ। ଫଳରେ ପ୍ରାଚୀନ କୀର୍ତ୍ତିରାଜି ଏବେ ଧ୍ୱଂସ ମୁଖରେ।**

(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୪।୧୧


ସରାଙ୍ଗସ୍ଥିତ ଅନନ୍ତଶୟନ।

- ମାଟି ଗାଣ୍ଡୁଆଏ ପକାଇପାରୁନି ପ୍ରଶାସନ
- ଇଚ୍ଛାଥାଇ ହୋଇପାରୁନି ଉନ୍ନତୀକରଣ
- ଅବକ୍ଷୟମୁହାଁ ଐତିହାସିକ କୀର୍ତ୍ତିରାଜି

ନବମ ଶତାବ୍ଦୀର ଭୌମକର ରାଜବଂଶର ପ୍ରସ୍ତର ସ୍ଥାପତ୍ୟ ଅନନ୍ତଶୟନ ହେଉ କି ଦ୍ୱାଦଶ ଶତାବ୍ଦୀର ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଆସ୍ଥାନ କପିଳାସ ପୀଠ। ଏସବୁ କେବଳ ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିନି, ବରଂ ଢେଙ୍କାନାଳ ଜିଲାର ପର୍ଯ୍ୟଟନ ପାଇଁ ସୃଷ୍ଟି କରିଛି ସ୍ୱର୍ଣ୍ଣିମ ଅବସର। କେବଳ ଏହି ଦୁଇ ପର୍ଯ୍ୟଟନସ୍ଥଳୀ ନୁହେଁ, ଉନ୍ନକୋଟୀଶ୍ୱର, କୁଆଲୋ ଅଷ୍ଟଶମ୍ଭୁ, କପିଳେଶ୍ୱର ଭଳି ପୁରାତନ ମନ୍ଦିର ଇତିହାସର ମୂକସାକ୍ଷୀ ହୋଇ ଛିଡ଼ାହୋଇଛି। ପୌରାଣିକ କିମ୍ବଦନ୍ତୀ ସହିତ ଜଡ଼ିତ ଏହି କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ଦାୟିତ୍ୱ ନେଇଛି ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍‌ଆଇ)। ଏଏସ୍‌ଆଇର କଠୋର ନିୟମ ପାଇଁ ନିଷିଦ୍ଧାଞ୍ଚଳ ଭାବେ ଘୋଷିତ ସମ୍ପୃକ୍ତ ପୀଠ ପରିସରର ବିକାଶମୂଳକ କାର୍ଯ୍ୟ କରିପାରୁନି ଜିଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ। ଅନ୍ୟପଟେ ଏଏସ୍‌ଆଇର ଉନ୍ନୟନ କାମ କଚ୍ଛପ ଗତିରେ ଚାଲୁରହିଛି। ଫଳରେ ନିର୍ମାଣ ହୋଇଥିବା କାର୍ଯ୍ୟ ପୁଣିଥରେ ମରାମତି ଆବଶ୍ୟକ କଲାଣି, ଯାହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଥିବା ବିଶାଳକାୟ ଅନନ୍ତଶୟନ ମୂର୍ତ୍ତି ପ୍ରତିବର୍ଷ ବନ୍ୟାର ସମ୍ମୁଖୀନ ହେଉଛି। ବର୍ଷାଦିନେ ବଢ଼ି ଆସିଲେ ଏହା ବୁଡ଼ିଯାଇ ବାଲିଚର ହୋଇଯାଉଛି। ଏଭଳି ବିରଳ କୀର୍ତ୍ତିର ସଂରକ୍ଷଣ କରିବା ଲାଗି ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଏସ୍‌ଆଇ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ସମାନ ସମସ୍ୟା ଦେଖାଦେଇଛି କପିଳାସ, ଉନ୍ନକୋଟୀଶ୍ୱର, କୁଆଲୋ ଅଷ୍ଟଶମ୍ଭୁ, କପିଳେଶ୍ୱର ଭଳି ମନ୍ଦିରରେ। ଦୀର୍ଘବର୍ଷ ହେଲା ଏସବୁସ୍ଥାନରେ ଏଏସ୍‌ଆଇର ବିକାଶ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ସଂରକ୍ଷିତ ତାଲିକାଭୁକ୍ତ ଐତିହ୍ୟସ୍ଥଳଗୁଡ଼ିକରେ କୌଣସି କାମ ପୂର୍ବରୁ ଏଏସ୍‌ଆଇର ଅନୁମତି ଅପରିହାର୍ଯ୍ୟ ହୋଇଥିବାବେଳେ ଅସହାୟ ହୋଇଯାଇଛି ଜିଲା ପ୍ରଶାସନ ଏବଂ ଦେବୋତ୍ତର ବିଭାଗ। ଅନୁଦାନର ଅଭାବ ନ ଥିଲେ ବି ଉକ୍ତ ସ୍ଥାନରେ ମାଟି ଗାଣ୍ଡୁଆଏ ପକାଇବା ସମ୍ଭବ ହୋଇପାରୁନାହିଁ। ଫଳରେ ଏସବୁ ସ୍ଥାନକୁ ଆସୁଥିବା ପର୍ଯ୍ୟଟକ ମନରେ ତିକ୍ତ ମନ ନେଇ ଫେରୁଛନ୍ତି, ଯାହାର ନକାରାତ୍ମକ ପ୍ରଭାବ ପର୍ଯ୍ୟଟନ ଶିଳ୍ପ ଉପରେ ପଡୁଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ କୁହନ୍ତି, ଏଏସ୍‌ଆଇ ଅଧୀନରେ ଥିବା ମଠମନ୍ଦିର ଗୁଡ଼ିକର ଉନ୍ନତିମୂଳକ କାର୍ଯ୍ୟ ଏହି ଜାତୀୟ ସଂସ୍ଥା କରିବା କଥା। ସ୍ଥାନୀୟ ପ୍ରଶାସନ ସହିତ ଆଲୋଚନା ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ ଜାରି ରହିବା କଥା। ହେଲେ ତାହା ହେଉନାହିଁ। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ଏଏସ୍‌ଆଇ ଆଇନ ଯୋଗୁ କପିଳାସ ସମେତ ଏହାର ଅଧୀନରେ ଥିବା କୌଣସି ପୀଠରେ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ସଚେତନତାର ଅଭାବ ଯୋଗୁ ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ୍ ମୁକ୍ତ ସ୍ୱପ୍ନ ପୂରଣ ହୋଇପାରୁନି। ଅଦ୍ୟାବଧି 'ଯାଯାବର' ପ୍ରକଳ୍ପ ଠିକାସଂସ୍ଥା ହସ୍ତାନ୍ତର କରିନାହିଁ। ଏ ସବୁ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି।

### ବିଭାଗରେ କର୍ମଚାରୀ ମରୁଡ଼ି

**ଢେ**ଙ୍କାନାଳରେ ଥିବା ଜିଲା ପର୍ଯ୍ୟଟନ ବିଭାଗରେ କର୍ମଚାରୀ ମରୁଡ଼ି ଅଭାବ ପ୍ରମୁଖ ସମସ୍ୟା ପାଲଟିଛି। ଜଣେ ଅଧିକାରୀ ଏବଂ ୨ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କାନ୍ଧରେ ଲଦି ଦିଆଯାଇଛି ସମସ୍ତ ଦାୟିତ୍ୱ। ଫଳରେ ଅଧିକାରୀ ଜଣକ କିରାଣି କାମ କରିବାକୁ ବାଧ ହେଉଛନ୍ତି। ଏବେ କାର୍ଯ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ, ଆକାଉଣ୍ଟାଣ୍ଟ ପଦବୀ ଖାଲିପଡ଼ିଛି। ଏଠାରେ ନିଯୁକ୍ତି ପାଇଥିବା ଜଣେ ସିନିୟର ଆସିଷ୍ଟାଣ୍ଟ ଚେନ୍ନାଇସ୍ଥିତ ଓଡ଼ିଶା ପର୍ଯ୍ୟଟନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ତେବେ ସେ ଢେଙ୍କାନାଳ ଅଫିସରୁ ଦରମା ନେଉଛନ୍ତି। କର୍ମଚାରୀ ଅଭାବରୁ ପର୍ଯ୍ୟଟନ ବିଭାଗର କୌଣସି ସମୀକ୍ଷା ହୋଇପାରୁନାହିଁ। ଫଳରେ ଜିଲାର ପର୍ଯ୍ୟଟନର ବିକାଶ ଲାଗି ଯୋଜନା ପରେ ଯୋଜନା କରାଯାଉଥିଲେ ମଧ୍ୟ କାର୍ଯ୍ୟକାରୀ କରିବା ବେଳକୁ ସବୁ ଫସର ଫାଟୁଛି।

### ପାଉଣା ବିବାଦରେ 'ଯାଯାବର'



**ଜି**ଲା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ରହଣି, ସେମାନଙ୍କୁ ଭବ୍ୟ ଆତିଥ୍ୟ ପ୍ରଦାନ, ସ୍ୱାଦିଷ୍ଟ ଖାଦ୍ୟପାନୀୟରେ ଆପ୍ୟାୟିତ କରି ପର୍ଯ୍ୟଟନସ୍ଥଳୀ ମୁହାଁ କରାଇବା ଲକ୍ଷ୍ୟ ନେଇ ଢେଙ୍କାନାଳ ସଦର ବ୍ଲକ ୫୫ନଂ. ଜାତୀୟ ରାଜପଥର ଗୋବିନ୍ଦପୁର ନିକଟରେ ପିପିପି ମୋଡ୍‌ରେ ୪ ବର୍ଷ ତଳେ ନିର୍ମାଣ କରାଯାଇଥିଲା 'ଯାଯାବର'। ୧ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ଭବ୍ୟ କୋଠା ନିର୍ମାଣରେ ଖର୍ଚ୍ଚ ହୋଇଛି ୧କୋଟି ୬୯ଲକ୍ଷ ଟଙ୍କା। ହେଲେ ଅଦ୍ୟାବଧି ପ୍ରକଳ୍ପ ନେଇପାରିନି ପୂର୍ଣ୍ଣାଙ୍ଗ ରୂପ। ଠିକାସଂସ୍ଥା ପକ୍ଷରୁ ଏହାକୁ ଜିଲା ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଯାଉନାହିଁ। କାରଣ ପ୍ରକଳ୍ପ ନିର୍ମାଣରେ ନିୟୋଜିତ ଠିକାସଂସ୍ଥା କାର୍ଯ୍ୟକୁ ସବ୍‌ଲେଟ୍ କରି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କୁ ଦେଇଥିଲା। ସମ୍ପୃକ୍ତ ଯୁବକମାନେ କାର୍ଯ୍ୟ କରିଥିଲେ ହେଁ ଠିକାସଂସ୍ଥା ପ୍ରାପ୍ୟ ପ୍ରଦାନ କରୁନାହିଁ। ତେଣୁ କାମ କରିଥିବା ଯୁବକମାନେ 'ଯାଯାବର'ରେ ତାଲା ପକାଇ ରଖିଛନ୍ତି। 'ଯାଯାବର' ପାଉଣା ବିବାଦରେ ଫସିଥିବାବେଳେ ଏହାର ଉଦ୍ଦେଶ୍ୟ ବାଟବଣା ହୋଇଯାଇଛି।

# କ୍ରୋଧ ପରିତ୍ୟାଗ କର, ସଂସ୍କାରୀ ହୁଅ


ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ ମାଟ୍ରିକ୍ 'ଏ-୧' ଗ୍ରେଡ୍‌ର ମେଧାବୀ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ ଅଫିସ, ୧୪।୧୧

**୭୦ ମାଟ୍ରିକ ମେଧାଙ୍କୁ ସମ୍ବର୍ଦ୍ଧନା**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ରବିବାର ମାଟ୍ରିକ୍ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ୭୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସ୍କୁଲ କ୍ୟାମ୍ପସକୁ ସବୁଜ ସୁନ୍ଦର କରାଯିବ। ଛାତ୍ରୀଛାତ୍ରଙ୍କ ପାଇଁ ମୁକ୍ତ ପରିବେଶ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ହିଂସା, କ୍ରୋଧ ପରିତ୍ୟାଗ କରି ସଂସ୍କାରୀ ହେବା ଏବଂ ପରୋପକାର ମନୋଭାବ ରଖି ଭଲ ମଣିଷ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ବିଇଓ ବ୍ରହ୍ମାନନ୍ଦ ରାଉତ, ମିନତି ଦେହୁରୀ, ଶାନ୍ତନୁ ମଲ୍ଲିକ, ହରିହର ଦେହୁରୀ, ଜଗବନ୍ଧୁ ଜେନା, ପ୍ରତାପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲାର ୨୬୮ ହାଇସ୍କୁଲର ୧୬,୧୪୦ ଛାତ୍ରୀଛାତ୍ରଙ୍କ ମାଟ୍ରିକ୍ ପରୀକ୍ଷାଫଳ ମୂଲ୍ୟାୟନ କରାଯାଇଛି। ତନ୍ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୩୨ ଛାତ୍ରୀ, ୩୮ ଛାତ୍ର ରହିଛନ୍ତି।

### ଦୋଷ ଖସାଇବାକୁ ଉଦ୍ୟମ

ଅନୁଗୋଳଅଫିସ, ୧୪।୧୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୯ ମାର୍ଚ୍ଚ ୧୩ରୁ ୨୦୨୧ ମଧ୍ୟରେ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଛି। ଏହି ସମୟ ମଧ୍ୟରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ତୁରନ୍ତ ଛଟେଇ କରିବାକୁ ରାଜ୍ୟ ସରକାର ଗତ ୧୧ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମା ସମ୍ପର୍କିତ ଚିଠି ପାଇବା ପରେ ମେଡିକାଲ କର୍ତ୍ତୃପକ୍ଷ ଶୁକ୍ରବାର ରାତିରେ ୧୧ ପାରା ମେଡିକାଲ କର୍ମଚାରୀଙ୍କୁ ଛଟେଇ କରିଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ଲାବୋରେଟୋରି ଟେକ୍ନିସିଆନ୍, ୫ ଫାର୍ମାସିଷ୍ଟ, ୩ ରେଡିଓଗ୍ରାଫର ଅଛନ୍ତି। ଅନ୍ୟପଟେ ଏଭଳି ବେଆଇନ ନିଯୁକ୍ତି ପ୍ରକ୍ରିୟାରେ ସାମିଲ ଥିବା କର୍ମଚାରୀ ଏବେ କିଭଳି ନିଜ ମୁଣ୍ଡରୁ ଦୋଷ ଖସାଇବେ ସେ ନେଇ କସରତ ଆରମ୍ଭ କରିଛନ୍ତି। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବାକୁ ସେମାନେ ଏବେ ଭୁବନେଶ୍ୱରରେ ଡେରା ପକାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ପ୍ରଭାତଫେରିରେ ଆଇନ ସଚେତନତା



ପ୍ରଭାତଫେରି କାର୍ଯ୍ୟକ୍ରମରେ ପ୍ରାଧିକରଣ କାର୍ଯ୍ୟକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୧୪।୧୧

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ପ୍ରଭାତଫେରି ମାଧ୍ୟମରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀ ଉଦ୍‌ଘାଟନ କରିଥିଲେ। ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଲୋକଙ୍କୁ ଘରୋଇ ହିଂସା, ନାରୀ ନିର୍ଯାତନା ସମେତ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା। ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଲୋପାମୁଦ୍ରା ପଣ୍ଡା, ସୁଶୀଲ କୁମାର ସାହୁ, ସନ୍ଧ୍ୟା ରଥ, ଚନ୍ଦନ ଦେହୁରୀ, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ସିଭିଲକୋର୍ଟ ରେଜିଷ୍ଟ୍ରାର ଚିନ୍ମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ପକ୍ଷରୁ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ଦିବସ ପାଳିତ ହୋଇଥିଲା। ଜିଲାର ଅସହାୟଙ୍କ ନିକଟରେ ଆଇନସେବା ପହଞ୍ଚାଇବା ଲକ୍ଷ୍ୟରେ ପ୍ରାଧିକରଣ ପକ୍ଷରୁ ଅନବରତ ପ୍ରୟାସ ଜାରି ରହିଛି। ଏହାକୁ ସୁଯୋଗ ନେବାକୁ ନିବେଦନ କରାଯାଇଛି।

# ମନେପଡ଼ିଲେ ନେହେରୁ

ଢେଙ୍କାନାଳ ଅଫିସ, ୧୪।୧୧

ନଭେମ୍ବର ୧୪ ଶିଶୁ ଦିବସ ଅବସରରେ ନେହେରୁ ସୋସିଆଲିଷ୍ଟ ଫୋରମ୍ ଓଡ଼ିଶା ପକ୍ଷରୁ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜୟନ୍ତୀ ସମାରୋହ ରାଜ୍ୟ ଆବାହକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଦିଲୀପ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସ୍ୱାଧୀନ ଭାରତରେ ସମାଜବାଦର ମୂଳଦୁଆ ପକାଇଥିଲେ ନେହେରୁ। ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଭାରତ ଗଢ଼ିବାରେ ତାଙ୍କ ଅବଦାନ ଅତୁଳନୀୟ। ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ନେହେରୁଙ୍କ କାର୍ଯ୍ୟ ଯୁବପିଢ଼ି ପାଇଁ ଦୃଷ୍ଟାନ୍ତ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ କବି ବାହାଦୁର ପାଟସାହାଣୀ, ଦେବୀପ୍ରସାଦ ପଟ୍ଟନାୟକ, ଚକ୍ଷୁ ବିଶେଷଜ୍ଞ ଶ୍ରୀନିବାସ ହୋତା, ଅଧ୍ୟାପକ ସମୀର ସାହୁ, ସମାଜବାଦୀ ନେତା ସରୋଜ ଶତପଥୀ, ପ୍ରାକୃତିକ ଚିକିତ୍ସକ ପୀତବାସ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇଂ. ଡମ୍ବୁରଧର ପଣ୍ଡା ସ୍ୱାଗତ ଭାଷଣ ଏବଂ ଶକ୍ତିପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ନେହେରୁଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ପ୍ରତିଭାବାନ କଳାକାର ସୃଷ୍ଟି ଲକ୍ଷ୍ୟ

ଢେଙ୍କାନାଳ ଅଫିସ, ୧୪।୧୧

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ୍‌ହଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ମହୋତ୍ସବ ମଞ୍ଚ ଶିକ୍ଷାବିତ୍ ଡ. ବିଧାନ ମିଶ୍ରଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା।

**ମାଇକ୍ରୋମିଡିଆ ବାର୍ଷିକ ଉତ୍ସବ ଉଦ୍‌ଯାପିତ**


ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷାରେ ଟପ୍ପର ହୋଇଥିବା ପିଙ୍କିରାଣୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ଏଭଳି ଉତ୍ସବ ଆୟୋଜନ ପ୍ରତିଭାବାନ କଳାକାର ସୃଷ୍ଟି କରିବାର ସୁଯୋଗ ଆଣିଛି। ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ଜିଲାପାଳ ସରୋଜ କୁମାର ସେଠୀ, ଶିଳ୍ପପତି ଗଙ୍ଗାଧର ସାମଲ, ଆଇନଜୀବୀ ଦୀପ୍ତିଶ ପଟ୍ଟନାୟକ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀରେ ବିଧାନ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ଜନସେବାରେ ଏକ ଆମ୍ବୁଲାନ୍ସ ଲୋକାର୍ପିତ କରାଯିବ ବୋଲି ସଂସଦର ମୁଖ୍ୟ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।


ଭୁବନେଶ୍ୱର ପ୍ରଧାନ।

ଚଳିତବର୍ଷ ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ଏବଂ ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷାରେ ଟପ୍ପର ହୋଇଥିବା ପିଙ୍କିରାଣୀ ସାହୁଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ସେଣ୍ଟର ଫର୍ ସୋସିଆଲ ୱେଲ୍‌ବିଙ୍ଗ୍ ଆଣ୍ଡ୍ ହେଲ୍‌ଥ' ପକ୍ଷରୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହନ ପାଇଁ ପିଙ୍କିରାଣୀଙ୍କୁ ଯୁବ ଶିଳ୍ପୋଦ୍ୟୋଗୀ ଡା. ଅବିନାଶ ସାମଲ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅନୁଷ୍ଠାନର ସ୍ମରଣିକା ଉନ୍ମୋଚନ ହୋଇଥିଲା। ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ ସାହୁ, ସମ୍ପାଦକ ପରେଶ ପଟ୍ଟନାୟକ, ସୋମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିପୂର୍ବରୁ ଅପରାହ୍ନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାରୁ ଶୂନ୍ୟ ସଂକ୍ରମଣ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲ୍ଲାରୁ ରବିବାର କୌଣସି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୫୭ରେ ସ୍ଥିର ରହିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇ ନିରୀକ୍ଷଣ କରାଯାଉ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଟ୍ରାନ୍ସଫର୍ମରରୁ ତେଲ ଚୋରି

**ଅନୁଗୋଳ ଅଫିସ,୧୪।୧୧:** ଅନୁଗୋଳ ଡେରଜାଙ୍ଗ ପ୍ରୋଜେକ୍ଟ ନିକଟସ୍ଥ ବେଣାଗାଡ଼ିଆ ଗ୍ରାମରେ ଲାଗିଥିବା ଏକ ୨୫୦ କେଭି ଟ୍ରାନ୍ସଫର୍ମରରୁ ଦୁର୍ବୃତ୍ତମାନେ ତେଲ ଚୋରି କରି ନେଇଥିବା ବିଦ୍ୟୁତ୍ କର୍ମଚାରୀ ଜଗନ୍ନାଥ ସାମନ୍ତରାୟ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ଡେରଜାଙ୍ଗ ଡ୍ୟାମ୍‌ରୁ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଉକ୍ତ ଟ୍ରାନ୍ସଫର୍ମରରେ ପାନୀୟ ଜଳ ଯୋଗାଣ ମିଟର ସଂଯୋଗ ହୋଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା କୁହାଯାଇଛି। ପୋଲିସ ନଂ. ୭୨୭/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନେହେରୁଙ୍କ ଅବଦାନ ଅତୁଳନୀୟ

**ଅନୁଗୋଳ ଅଫିସ, ୧୪।୧୧:** ଅନୁଗୋଳ ଜିଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନ ପରିସରରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ସମାରୋହ ରବିବାର ପାଳିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନ ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶ ଗଠନରେ ନେହେରୁଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ତାଙ୍କ ନେତୃତ୍ୱରେ ଶିକ୍ଷା, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟାପକ ଉନ୍ନତି ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। ଓବିସି ସେଲ୍ ସଭାପତି ଜିତେନ୍ଦ୍ର ସାହୁ, ଲିଗାଲ ସେଲ ସଭାପତି ଧର୍ମେନ୍ଦ୍ର ମିଶ୍ର, ଏସ୍‌ସି/ଏସ୍‌ଟି ସେଲ୍ ସଭାପତି ନୀଳକାନ୍ତ ନାଏକ, ଜିଲା କଂଗ୍ରେସ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ବିଶ୍ୱଜିତ୍ ପୃଷ୍ଟି, ଲୁଟୁ ବେହେରା, ଶିବ ଦେହୁରୀ, ଭଗବାନ ବେହେରା, ଚିକୁ ବେହେରା, ଅମରଜିତ ପଲାଇ, ଆଶିଷ ପୃଷ୍ଟି, ପ୍ରଶାନ୍ତ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ସୁନ୍ଦରାକାଣ୍ଡ ପାରାୟଣ

**ମାଧପୁର, ୧୪।୧୧:** ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ଭୋଇପଡ଼ା ଗ୍ରାମରେ ରବିବାର ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଛି। ସକାଳେ କଳସ ଶୋଭାଯାତ୍ରା ପରେ ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ସୁନ୍ଦରାକାଣ୍ଡ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭୋଇପଡ଼ା ଯୁବକ ସଂଘ ସଭାପତି ଶ୍ରୀକାନ୍ତ ମହାଖୁଡ଼, ସମ୍ପାଦକ ହେମନ୍ତ ଖଣ୍ଡଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### ସ୍ପୋର୍ଟସ୍ କ୍ଲବ ଗୃହ ଉଦ୍‌ଘାଟିତ

**ଛେଣ୍ଡିପଦା,୧୪।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ବାଣେଶ୍ୱର ଖେଳପଡ଼ିଆଠାରେ ରବିବାର ନୂତନ ସ୍ପୋର୍ଟସ କ୍ଲବ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ ସଭାପତି କୁଳମଣି ଗଡନାୟକ, ସମ୍ପାଦକ ଘାସିରାମ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖମାର ସ୍ପୋର୍ଟସ କ୍ଲବ ସଭାପତି ବିଜୟ କୁମାର ଗଡନାୟକଙ୍କ ନେତୃତ୍ୱରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସମ୍ପାଦକ ସୁବ୍ରତ ଗଡ଼ନାୟକ, ଅଜୟ ବେହେରା, ଶ୍ରବଣ ଗଡ଼ନାୟକ, ଲିପୁନ ସାହୁ, ରାଜେନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ସାପ୍ତାହିକ ହାଟ ଲୋକାର୍ପିତ



**ଛେଣ୍ଡିପଦା,୧୪।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ହାଣ୍ଡିଗୁଡ଼ାର ମନୋରମ ଆଶ୍ରମ ସମ୍ମୁଖରେ ନୂତନ ସାପ୍ତାହିକ ହାଟ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ହାଟ ଦ୍ୱାରା ଅଞ୍ଚଳର ପରିବା ଚାଷୀଙ୍କ ରୋଜଗାରକୁ ଦ୍ୱିଗୁଣିତ ହେବ। ଚାଷୀମାନେ ନିଜର ଉତ୍ପାଦିତ ଫସଲର ବିକ୍ରିବଟା ସୁବିଧାରେ କରିପାରିବେ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ତେନ୍ତୁଲୋଇ ସରପଞ୍ଚ ବିନାୟକ ବେହେରା, କମିଟି ମେମ୍ବର ରଘୁନାଥ ପ୍ରଧାନ, ତ୍ରିପୁର ମାଝି, ସେବକ ସାହୁ, ଚିନ୍ତାମଣି ନାୟକ, ବସନ୍ତ ମାଝି, ଯତୀନ୍ଦ୍ର ସାମଲ, ନିରାକାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସତ ହେଲା ଭଉଣୀଭାଇଙ୍କ ସ୍ୱପ୍ନ

## ନହୁରାଣୀ ପୋଲ ନିର୍ମାଣ ଶେଷ

**ଅନୁଗୋଳ ଅଫିସ, ୧୪।୧୧**



ନହୁରାଣୀ ପୋଲ ଏବେ ଚଳଚଞ୍ଚଳ। ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇ ନ ଥିଲେ ମଧ୍ୟ ବ୍ରିଜ୍ ଦେଇ ଚଳାଚଳ କରୁଛି ଦୈନିକ ଶତାଧିକ ଗାଡ଼ି। ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବୁଢ଼ାନାଳୀ ଗ୍ରାମ ସହିତ ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକକୁ ଯାତାୟାତ ସୁଗମ ହୋଇଥିବାବେଳେ ଉଜାଗର ହୋଇଛି ଭଉଣୀ ଆଦ୍ୟାଶା ପ୍ରିୟଦର୍ଶିନୀ ରାଉତ ଏବଂ ଭାଇ ଆୟୁଷ ରଞ୍ଜନଙ୍କ ପୋଲ ପାଇଁ ସଂଘର୍ଷର କାହାଣୀ। ଆଦ୍ୟାଶା, ଆୟୁଷଙ୍କ ନିରନ୍ତର ଉଦ୍ୟମ ଏବଂ ରାଜ୍ୟ ସରକାରଙ୍କ ସହାୟତାରେ ପୋଲ ନିର୍ମାଣ ବାସ୍ତବ ରୂପ ନେଇଥିବାବେଳେ ଭଉଣୀଭାଇଙ୍କ ପାଖକୁ ଛୁଟୁଛି ପ୍ରଶଂସାର ସୁଅ।

ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବୁଢ଼ାନାଳୀ ଅଞ୍ଚଳବାସୀ ଜୀବନଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଆବଶ୍ୟକତା ପାଇଁ ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକ ଉପରେ ନିର୍ଭର କରିଥାଆନ୍ତି। ତେବେ ନହୁରାଣୀ ନାଳ ଉଭୟ ଅଞ୍ଚଳବାସୀଙ୍କ ମଧ୍ୟରେ ସାଜିଥିଲା ମୁଖ୍ୟ ପ୍ରତିବନ୍ଧକ। ବର୍ଷାଦିନେ ନାଳ ଫୁଲିରେ ଯାତାୟାତ ବିଚ୍ଛିନ୍ନ ହୋଇପଡୁଥିଲା। ଛେଣ୍ଡିପଦା ବ୍ଲକର ବିଦ୍ୟାଳୟରେ ପଢୁଥିବା ଆଦ୍ୟାଶା ଏବଂ ଆୟୁଷ ସମସ୍ୟାରେ ପଡୁଥିଲେ। ସମସ୍ୟା ସମ୍ପର୍କରେ ଦୁହେଁ ୨୦୧୩ରେ ପତ୍ର ମାଧ୍ୟମରେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପୋଲ ନିର୍ମାଣ ପାଇଁ ପତ୍ର ଆସିଥିଲା। ଚିଠି ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା। ହେଲେ ସୀମା ବିବାଦ ଉପୁଜିବା ପରେ ପ୍ରସ୍ତାବିତ ପୋଲର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିଲା। ପୋଲ ନିର୍ମାଣ ବିଳମ୍ବିତ ହେବା ପରେ ୨୦୧୪ ଅଗଷ୍ଟରେ ପୁନର୍ବାର ଦୁହେଁ ରାଜ୍ୟପାଳଙ୍କୁ ପତ୍ର ଦେଇଥିଲେ। ଉକ୍ତ ଚିଠିର ଉତ୍ତର ଆସିଥିଲେ ମଧ୍ୟ ପୂର୍ବ ବିବାଦ କାରଣରୁ ରାସ୍ତା କି ପୋଲ ନିର୍ମାଣ ହୋଇପାରି ନ ଥିଲା। ଏହାପରେ ସେମାନେ ଓଡ଼ିଶା ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ତଥାପି କୌଣସି ସୁଫଳ ମିଳି ନ ଥିଲା। ସବୁଆଡୁ ନିରାଶ ହେବା ପରେ ଆଦ୍ୟାଶା ଏବଂ ଆୟୁଷ ୨୦୧୬ ଜୁଲାଇରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଚର୍ଚ୍ଚାକୁ ଆସିଥିଲେ। ପୋଲ ନିର୍ମାଣ ନେଇ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଓଡ଼ିଶାର ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଚିଠି ଆସିଥିଲା। ଆପୋସ ବୁଝାମଣା ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ପରେ ଉଭୟ ପୋଲ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ୮ବର୍ଷର ସଂଘର୍ଷ ସଫଳ ରୂପ ନେଇଥିବାରୁ ଭଉଣୀଭାଇ ବେଶ୍ ଖୁସି ଅଛନ୍ତି। ଅନ୍ୟପଟେ ଖୁବ୍‌ଶୀଘ୍ର ବ୍ରିଜ୍ ଲୋକାର୍ପଣ ହେବ ବୋଲି ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ମର୍ନିଂ କ୍ଲବ ଚାମ୍ପିୟନ୍




ଟ୍ରଫି ସହ ଚାମ୍ପିୟନ ମର୍ନିଂ କ୍ଲବ ଦଳର ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ମା' ମଙ୍ଗଳା ଫୁଟବଲ କ୍ଲବ ବନମାଳୀପ୍ରସାଦକୁ ୨-୧ ଗୋଲରେ ପରାସ୍ତ କରି ମର୍ନିଂ କ୍ଲବ ଢେଙ୍କାନାଳ ଚାମ୍ପିୟନ ହୋଇଛି । ବିଜୟୀ ଦଳର ମହମ୍ମଦ ଆଫ୍ରିଦ୍, ସ୍ୱନ୍ଦନ ବାରିକ ଦୁଇଟି ଏବଂ ବିପକ୍ଷ ଦଳର ତୋଫାନ ନାୟକ ଏକ ମାତ୍ର ଗୋଲ୍ ସ୍କୋର କରିଥିଲେ। ଆଶୀର୍ବାଦ କାନୁନ୍‌ଗୋ, ଅନିଲ ନନ୍ଦ, ଦେବରାଜ ସ୍ୱାଇଁ, ଅରୁଣ ନାୟକ, ଅଭିଜିତ ମିଶ୍ର, ପର୍ଶୁରାମ ମିଶ୍ର ଖେଳ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିବାବେଳେ ଶତ୍ରୁଘ୍ନ ମାଟି ଧାରା ବିବରଣୀ ଦେଇଥିଲେ। ବରିଷ୍ଠ କ୍ରୀଡ଼ାବିତ୍ ଜୟକୃଷ୍ଣ ପଟ୍ଟନାୟକ ଚାମ୍ପିୟନ ଦଳକୁ ଟ୍ରଫି, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘ ଉପସଭାପତି ସରୋଜ ପାଢୀ, ରାମଚନ୍ଦ୍ର ପାତ୍ର, ସୁଧାଂଶୁ ଦଳେଇ, ଅଜୟ ପଟ୍ଟନାୟକ, ଅଶୋକ ଦାସ, ଶ୍ୟାମସୁନ୍ଦର ମହାପାତ୍ର, ପ୍ରେମାନନ୍ଦ ବିହାରୀ, କ୍ରୀଡ଼ାସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।

# 'ମଧୁମେହ ନୀରବ ଘାତକ'



ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ।

**ଅନୁଗୋଳ ଅଫିସ, ୧୪।୧୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ରବିବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଅଧକ୍ଷତା କରି କହିଲେ, ମଧୁମେହ ହେଉଛି ନୀରବ ଘାତକ। ରକ୍ତରେ ଶର୍କରା ପରିମାଣ ବଢ଼ିଲେ ମଧୁମେହ ହୋଇଥାଏ। ଆଧୁନିକ ଜୀବନଶୈଳୀ, ଖାଦ୍ୟାଭାସ ଯୋଗୁ ଯୁବଗୋଷ୍ଠୀ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିୟମିତ ବ୍ୟାୟାମ, ଖାଦ୍ୟପେୟର ନିୟନ୍ତ୍ରଣ, ନିଶା ସେବନଠାରୁ ଦୂରେଇ ରହିଲେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା, ଡା. ବିଶ୍ୱବିହାରୀ ମହାନ୍ତିଙ୍କ ସମେତ ପାରାମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

# ୫ ଅଭିଯୁକ୍ତ ଗିରଫ

**କଣିହାଁ,୧୪।୧୧(ଡି.ଏନ.ଏ.)**

କଣିହାଁ ଥାନା ପୋଲିସ ରବିବାର ୨ଟି ମାମଲାରେ କୋର୍ଟ ପରଓ୍ୱାନାକୁ ନେଇ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି କିଶୋର ସାମଲ କହିଛନ୍ତି, ୨୦୧୮ରେ ଏକ ଡକାୟତି ମାମଲାରେ ସମ୍ପୃକ୍ତିକୁ ନେଇ ଦଣ୍ଡାସିଂହା ଗ୍ରାମର ପିଣ୍ଟୁ ମହାନ୍ତି, ୧୯୯୬ରେ ମାଡ଼ପିଟ୍ ମାମଲାକୁ ନେଇ ହରିଚନ୍ଦନପୁର ଗ୍ରାମର ଶିବ ସେଠୀ, କୁମର ସେଠୀ, ଦେବା ସେଠୀ ଶନିବାର ରାତିରେ ଗିରଫ ହୋଇଛନ୍ତି। ସେହିପରି ଏନ୍‌ଟିପିସି ଟାଉନ ଥାନା ପୋଲିସ ଏକ ମୋବାଇଲ ଚୋରି ମାମଲାରେ ଗଦାଶିଳା ଗ୍ରାମର ବାଜି ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ଦୀପିକା ଦେବୀରାୟ ପ୍ରକାଶ କରିଛନ୍ତି।

# ଆଦୃତ ଅନ୍ତେବାସୀଙ୍କ ହେବ ନିଃଶୁଳ୍କ ସ୍ୱାସ୍ଥ୍ୟପରୀକ୍ଷା

**ଅନୁଗୋଳ ଅଫିସ/ ବନ୍ତଳା (ଡି.ଏନ୍.ଏ.), ୧୪।୧୧**




ଅତିଥିଙ୍କ ଗହଣରେ ଅନ୍ତେବାସୀ

ଅନୁଗୋଳ ରୟାଲ ରୋଟାରି କ୍ଲବ ପକ୍ଷରୁ ସ୍ଥାନୀୟ ଆଦୃତ ଶିଶୁଗୃହରେ ରବିବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରୋଟାରିଆନ ଶୋକ ମଣ୍ଡୋଠିଆଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କୁ ଖାତା, କଲମ, ବିସ୍କୁଟ ଏବଂ ଚକୋଲେଟ୍ ପ୍ରଦାନ କରାଯାଇଥିଲା। ସମ୍ପାଦକ ଅମ୍ବିକା ପ୍ରସାଦ ସାହୁ, ଡା. ପ୍ରଭାତ କୁମାର ପଣ୍ଡା, ଡା. ବିଚ୍ଛନ୍ଦ ଚରଣ ପ୍ରଧାନ, ମୁରାରିଲାଲ ଅଗ୍ରୱାଲ ଏବଂ ମିଳନ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ଗୃହର ପିଲାଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟଗତ ପରାମର୍ଶ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲ ପରିସରରେ ଶିଶୁ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଲେଖିକା ଡ. ସୁଷମା ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜଗମୋହନ ମୀନା, ତାଙ୍କ ସ୍ତ୍ରୀ ଅନୁପମା ମୀନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଅଶୋକ ବେହେରା, ଉପାଧକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଅନୁଭା ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ପ୍ରତିଭା ଉତ୍ସାହିତ ହେଲେ ସମୃଦ୍ଧ ହେବ ସଂସ୍କୃତି'

**ଢେଙ୍କାନାଳ ଅଫିସ, ୧୪।୧୧**




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପିଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍ ପରିସରରେ ରବିବାର 'ଆମ ପ୍ରତିଭା, ଆମ ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ପ୍ରତିଭା ଉତ୍ସାହିତ ହେଲେ କଳା ସଂସ୍କୃତି ସମୃଦ୍ଧ ହେବ। ଢେଙ୍କାନାଳ ଜିଲାର ଐତିହ୍ୟ ବଡ଼ ମହାନ୍। ମହିମା ଧର୍ମ ଏହି ମାଟିର ଅନ୍ୟତମ ପରିଚୟ। ଏହି ଧାରାକୁ ଆଗକୁ ନେବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଏମ୍‌ପି ମହେଶ ସାହୁ କହିଲେ, ସୁପ୍ତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ପ୍ରୟାସ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଶାନ୍ତନୁ କୁମାର ସର କହିଲେ, ଶିଶୁ ଉପରେ ନିର୍ଭର କରୁଛି ଦେଶ ନିର୍ମାଣ । ଶୈଶବକୁ ଦୀର୍ଘସ୍ଥାୟୀ ରଖିବା ପାଇଁ ଆମେ ସଂକଳ୍ପବଦ୍ଧ ହେବା ଉଚିତ। କୁନି ପ୍ରତିଭାଙ୍କୁ ଉତ୍ସାହିତ କଲେ ସେମାନେ ପ୍ରସ୍ଫୁଟିତ ହେବେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ମିନତି ନାୟକ, ଉପାଧକ୍ଷ କୋଦଣ୍ଡଧର ସାହୁ, ଜିଲାପାଳ ସରୋଜ କୁମାର ସେଠୀ, କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ପରଜଙ୍ଗ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ତଥା ହିନ୍ଦୋଳ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତଥା ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲାର ୮ ବ୍ଲକ, ୩ ଏନ୍‌ଏସି ଏବଂ ଢେଙ୍କାନାଳ ପୌରାଞ୍ଚଳର ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ

**ବଇଣ୍ଡା, ୧୪।୧୧(ଡି.ଏନ.ଏ.)**



ସମ୍ମିଳନୀରେ ବିଧାୟକଙ୍କ ସମେତ ଅନ୍ୟମାନେ।

ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତ ବରହମ ଗ୍ରାମରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଆଠମଲ୍ଲିକ ବ୍ଲକ ଅଧକ୍ଷା ମିନାକ୍ଷୀ ଦଳେଇ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, କିଶୋରନଗର ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ପ୍ରଭାକର ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ପ୍ରମୋଦ ସାହୁ, ମାଗୁଣି ସାହୁ, ସୁଶାନ୍ତ ସାହୁ, ଦିଲୀପ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ନଭେମ୍ବର ୨୩ରେ ଅମୃତ ମହୋତ୍ସବ

**ଅନୁଗୋଳ ଅଫିସ, ୧୪।୧୧**

ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୦ତମ ଜୟନ୍ତୀ ଏବଂ ଅନୁଗୋଳ ବାଜି ରାଉତ ଛାତ୍ରାବାସର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୩ ତାରିଖରେ ଅମୃତ ମହୋତ୍ସବ ପାଳିତ ହେବ। ଏହି ଉପଲକ୍ଷେ ନବ ମାଳତୀ ସ୍ମୃତି କମିଟି, ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ସମର୍ପଣ ଏକାଡେମୀର ମିଳିତ ଆନୁକୂଲ୍ୟରେ ବାଜି ରାଉତ ଛାତ୍ରାବାସ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ ଲିଖନ, ଚିତ୍ରାଙ୍କନ, କଣ୍ଠ ସଂଗୀତ ଆଦି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସର୍ବୋଦୟ ନେତ୍ରୀ ତଥା ବାଜି ରାଉତ ଛାତ୍ରାବାସର ସଭାନେତ୍ରୀ କୃଷ୍ଣା ମହାନ୍ତି, ଛାତ୍ରାବାସର ସମ୍ପାଦକ ଭାବଗ୍ରାହୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ପ୍ରସନ୍ନ ଦାଶ, ଡ. ଦେବବ୍ରତ ମହାନ୍ତି, ବିଦ୍ୟାଧର ନାୟକ, ଚଣ୍ଡିକା ନନ୍ଦ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ସମାରୋହରେ କୃତୀ ପ୍ରତିଯୋଗୀ ପୁରସ୍କୃତ ହେବେ। ମାମାଲି ଗଡ଼ନାୟକ, ବିଭୂତି କିଷାନ, ଛୋଟରାୟ ମାଝି, ସୂର୍ଯ୍ୟନାରାୟଣ ନାଥ, ରଞ୍ଜିତ ଦେହୁରୀ, ଅଦ୍ୟୋଶ୍ଳୋକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# କୁଳବେଉସାରୁ ପୋଖତ କାରିଗର

**କାମାକ୍ଷାନଗର, ୧୪।୧୧ (ସୁଧୀର କୁମାର ପରିଡ଼ା)**

*ବୃତ୍ତିରେ ଅଧାପକ। ହେଲେ ଟିକେ ଅବସର ସମୟ ମିଳିଲେ ପାଠପଢ଼ାରୁ ବାହାରି ସେ ହୋଇଯାଆନ୍ତି ମାଟିମନା। ଦୀପରୁଖାଠାରୁ ଆରମ୍ଭ କରି ହାଣ୍ଡିକଳସ ସବୁ ଗଢ଼ିପକାନ୍ତି ମାତ୍ର କେଇଘଣ୍ଟାରେ। କୁଳବେଉସାରୁ ପୋଖତ କାରିଗର ପାଲଟିଥିବା ଏହି ଉଚ୍ଚଶିକ୍ଷିତ ଯୁବକ ହେଲେ ସୁନୀଲ କୁମାର ଦାସ। କୁମ୍ଭକାର ପରିବାରର ଦାୟାଦ ଭାବେ ଏହି ୩୩ ବର୍ଷୀୟ ଯୁବକଙ୍କ ଭବିଷ୍ୟତର ଲକ୍ଷ୍ୟ ମଳିନ ପଡ଼ି ଆସୁଥିବା କୁମ୍ଭକାର ବୃତ୍ତିକୁ ଉତ୍ତୁଙ୍ଗ ଶିଖରକୁ ନେବା।*

- ମାଟିମାୟାରେ ଅଧାପକ ସୁନୀଲ
- ଶିକ୍ଷାଦାନ ସହ ଗଢୁଛନ୍ତି ହାଣ୍ଡିମାଠିଆ
- ପରିଚୟ ଦେଇଛି ମାଟିଘୋଡ଼ା

ଚାକିରି ଖଣ୍ଡିଏ ପାଇଁ ଅଣନିଃଶ୍ୱାସୀ ହୋଇ ଧାଇଁଛନ୍ତି ଯୁବପିଢ଼ି। ମୋଟା ବେତନର ଭଲ ଚାକିରିଟେ ପାଇଗଲା ପରେ ସେମାନେ ଭୁଲିଯାଉଛନ୍ତି ବାପଜେଜେ ଅମଳର କୌଳିକ ବୃତ୍ତି। ହେଲେ ଅଧାପକ ସୁନୀଲ କୁମାର ଦାସ ଟିକେ ଭିନ୍ନ। କୁମ୍ଭକାର ପରିବାରରେ ଜନ୍ମିତ ଏହି ଯୁବକ ଅଧାପନା ସହିତ ସମାନ୍ତରାଳ ଭାବେ ଆଗକୁ ନେଉଛନ୍ତି ନିଜର କୁଳବେଉସାକୁ, ଯାହା ଯୁବପିଢ଼ିଙ୍କ ଲାଗି ସାଜିଛି ପ୍ରେରଣା।

ସୁନୀଲଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ନୂଆ ଆଳତୁମା ଗ୍ରାମରେ। ଆଠବର୍ଷ ହେଲା ପରଜଙ୍ଗ ବ୍ଲକ ସାଆନ୍ଦା ଡିଗ୍ରୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ସେ କରୁଛନ୍ତି ଅଧାପନା। ଜଣେ ଅଧାପକ ଭାବେ ସେ ଯେତିକି ଜଣାଶୁଣା, ସେତିକି ପରିଚିତ ଜଣେ କୁଶଳୀ କୁମ୍ଭକାର ଭାବେ। ଦୀର୍ଘ ୧୦ବର୍ଷରୁ ଅଧିକ ସମୟ ଧରି ମାଟି ସହିତ ମାଟି ହୋଇ ସେ ଏହି କାରିଗରି ବିଦ୍ୟାରେ ଧୁରୀଣ ହୋଇପାରିଛନ୍ତି। କେବଳ ଏତିକି ନୁହେଁ, ଛୁଟି ଦିନରେ ସମୟ ବାହାର କରି ହାଣ୍ଡିମାଠିଆ ସମେତ ଅନ୍ୟ ଉପକରଣ ଗଢ଼ି ମାସକୁ ଉପାର୍ଜନ କରୁଛନ୍ତି ୮ରୁ ୧୦ ହଜାର ଟଙ୍କା। ଏହାକୁ ବାଦ୍‌ଦେଲେ ମାଟି ଘୋଡ଼ା ନିର୍ମାଣ କରିବାରେ ମଧ୍ୟ ସେ ଦକ୍ଷ। ଠାକୁରାଣୀଙ୍କ ନିକଟରେ ସମର୍ପଣ କରିବାକୁ ମାଟି ଘୋଡ଼ାର ଚାହିଦା ଅଛି। ମାଟିଘୋଡ଼ା ଗୋଟିଏ ୨୦୦୦ରୁ ୫୦୦୦ ଟଙ୍କାରେ ବିକ୍ରି ହେଉଛି।



ଏ ସଂକ୍ରାନ୍ତରେ ସୁନୀଲ କୁହନ୍ତି, ବାଲ୍ୟାବସ୍ଥାରେ ଅଭାବ ଅସୁବିଧାକୁ ପାଖରୁ ଦେଖିଛୁ। ୩ ଭାଇ, ୩ ଭଉଣୀଙ୍କୁ ମଣିଷ କରିବାକୁ ବାପା ବହୁକଷ୍ଟ କରିଛନ୍ତି। ପିଲାଟି ଦିନରୁ ବାପାଙ୍କୁ ସହାୟତା କରୁ କରୁ ଏହି ବୃତ୍ତି ପ୍ରତି ଆକର୍ଷଣ ବଢ଼ିଥିଲା। ପ୍ରଥମରେ ଏହାକୁ ପେସା କରିବେ ବୋଲି ମନସ୍ଥ କରିଥିଲେ। ଚାକିରି ମିଳିଥିବା ସତ୍ତ୍ୱେ ଏହାକୁ ଛାଡ଼ିବା କଥା ଚିନ୍ତା କରିନାହାନ୍ତି। ଆଗାମୀ ଦିନରେ କେତେଜଣ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେଇ ଉଚ୍ଚକୋଟୀର ଉପକରଣ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ସୁନୀଲ।

